Approved vide Letter 3518 dt. 12.3.03 of the Law Dept.

# ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ
# ପୁରୀଙ୍କ ଜମି ବିକ୍ରୀ ସମ୍ବନ୍ଧୀୟ

# " ସମାନ ନୀତି "

# (UNIFORM POLICY)

# ମୁଖବନ୍ଧ

ଶ୍ରୀଜଗନ୍ନାଥ ମହାପ୍ରଭୁ, ବିଜେ ପୁରୀଙ୍କ ଜମି ବିକ୍ରୟ କରିବା ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ୦୨-୦୮-୧୯୯୩ ତାରିଖ ଦିନ ତତ୍‌କାଳୀନ ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ତିନିଜଣ ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରାଯାଇଥିଲା । ଉକ୍ତ କମିଟିରେ ଦେବୋତ୍ତର କମିଶନର, ସ୍ୱତନ୍ତ୍ର ପଦାଧିକାରୀ ତଥା ଉପଶାସନ ସଚିବ, ବିଧି ବିଭାଗ ଏବଂ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ସଭ୍ୟ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଉପରୋକ୍ତ କମିଟି ପୁର୍ନଗଠିତ ହୋଇ ପରିଶେଷରେ ସରକାରଙ୍କ ବିଧି ବିଭାଗ ବିଜ୍ଞପ୍ତି ସଂଖ୍ୟା ଜେ.ଟି.ଏ. - ୩/୨୦୦୨ - ୧୪୨୩୬/ଏଲ, ତା. ୬-୧୧-୨୦୦୨ ରିଖ ଅନୁଯାୟୀ ନିମ୍ନଲିଖିତ ପଦାଧିକାରୀଙ୍କୁ ନେଇ କମିଟି ଗଠନ କରାଯାଇଅଛି ଏବଂ ଏହାକୁ ''ଲ୍ୟାଣ୍ଡ କମିଟି, ଶ୍ରୀଜଗନ୍ନାଥ ମନ୍ଦିର ପୁରୀ'' ଭାବେ ନାମକରଣ କରାଯାଇଅଛି ।

୧. ବିଧିଚେତକ (ଏଲ.ଆର) ତଥା ଅତିରିକ୍ତ ଶାସନ ସଚିବ, ବିଧି ବିଭାଗ - ଅଧ୍ୟକ୍ଷ

୨. ଉପଶାସନ ସଚିବ, ଅର୍ଥ ବିଭାଗ - ସଭ୍ୟ

୩. ଉପଶାସନ ସଚିବ, ରାଜସ୍ୱ ବିଭାଗ - ସଭ୍ୟ

୪. ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ପୁରୀ - ସଭ୍ୟ

୫. ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ - ସଭ୍ୟ ତଥା ଆବାହକ

ରାଜ୍ୟର ବିଭିନ୍ନ ଜିଲ୍ଲାମାନଙ୍କରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ବିକ୍ରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସବ୍-କମିଟିମାନ ଗଠନ କରାଯିବା ନିମନ୍ତେ ତା. ୨୧-୦୯-୨୦୦୧ ରିଖ ଦିନ ପୁରୀ ସର୍କିଟ ହାଉସ ଠାରେ ମାନ୍ୟବର ରାଜସ୍ୱ ଓ ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ତଦନୁଯାୟୀ ପ୍ରତି ଜିଲ୍ଲାରେ ଜିଲ୍ଲା ଲ୍ୟାଣ୍ଡ ସବ୍-କମିଟି ଗଠନ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ବିଧିବିଭାଗ ବିଜ୍ଞପ୍ତି ସଂଖ୍ୟା ୧୭୫୫୬, ତା. ୧-୧୧-୨୦୦୧ ରିଖ ପ୍ରକାଶ ପାଇଅଛି ଏବଂ ବିଭିନ୍ନ ଜିଲ୍ଲାମାନଙ୍କରେ ଜିଲ୍ଲାସ୍ତରୀୟ ଲ୍ୟାଣ୍ଡ ସବ୍-କମିଟିମାନ ଗଠନ ହୋଇଅଛି ।

ଉପରୋକ୍ତ ଜମି ବିକ୍ରୀ କାର୍ଯ୍ୟକୁ ସୁଚାରୁରୂପେ ସମଗ୍ର ରାଜ୍ୟରେ ସମ୍ପାଦନ କରିବା ପାଇଁ ୧୫-୧୧-୨୦୦୨ ତାରିଖ ଦିନ ''ଲ୍ୟାଣ୍ଡ କମିଟି, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ'' ଙ୍କ ଏକ ବୈଠକ ବସିଥିଲା । ଉକ୍ତ ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ '' ସମାନନୀତି '' ଚିଠା ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ଅନୁମୋଦନାର୍ଥେ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ''ସମାନନୀତି '' ପ୍ରସ୍ତୁତ କରାଯାଇଛି ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ବିକ୍ରୟ କରିବା ନିମନ୍ତେ ସମାନ ନୀତି (ୟୁନିଫର୍ମ ପଲିସି) ଚିଠା ଫର୍ଦ୍ଦ :

୧. ପ୍ରତି ଜିଲ୍ଲାର ପ୍ରତି ମୌଜାରେ ଥିବା ବିଭିନ୍ନ କିସମୱାରୀ ଜମିର ଏକର ପ୍ରତି ବଜାରଦର ଓ ବିକ୍ରୀମୂଲ୍ୟ ଜିଲ୍ଲା ଲ୍ୟାଣ୍ଡ ସବ୍-କମିଟି ଦ୍ୱାରା ସ୍ଥିର କରାଯିବ ।

୨. ଦରଖାସ୍ତକାରୀ ନିଜ ଦଖଲ ସମ୍ବନ୍ଧେ ଉପଯୁକ୍ତ ପ୍ରମାଣ ଯୋଗାଇବେ । ନଚେତ୍ ସମ୍ପୃକ୍ତ ଜମିକୁ ନିଲାମ ସୂତ୍ରେ ବିକ୍ରୀ କରାଯିବ ଯାହାକି କୌଣସି ପରିସ୍ଥିତିରେ ବଜାରଦର ଠାରୁ କମ୍ ହେବନାହିଁ ।

୩. ପତିତ ଜମିକୁ ନିଲାମ ଦ୍ୱାରା ସର୍ବାଧିକ ମୂଲ୍ୟରେ ବିକ୍ରୀ କରାଯିବ । ଉକ୍ତ ମୂଲ୍ୟ ସ୍ଥିରୀକୃତ ବଜାର ଦରଠାରୁ କମ୍ ହେବନାହିଁ ।

✶ ୪. ବାସଗୃହ ନିର୍ମାଣ କରି ଭୋଗ ଦଖଲ କରି ରହୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ପୃକ୍ତ ଜମି ବିକ୍ରୀ ନିମନ୍ତେ ନିମ୍ନମତେ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବ ।

(କ) ୩୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ସମୟ ପାଇଁ ଉପଯୁକ୍ତ ପ୍ରମାଣ ସହ ଦଖଲରେ ଥିଲେ ଜମିର ମୂଲ୍ୟ ସ୍ଥିରୀକୃତ ବଜାର ମୂଲ୍ୟର ଶତକଡ଼ା ୧୦ ଭାଗ, ମାତ୍ର ଏକର ପିଛା ସର୍ବାଧିକ ମୂଲ୍ୟ ତିନି ଲକ୍ଷ ଟଙ୍କା ହେବ ।

(ଖ) ୨୦ ବର୍ଷରୁ ଉର୍ଦ୍ଧ୍ୱ ଓ ୩୦ ବର୍ଷରୁ କମ୍ ସମୟ ପାଇଁ ଉପଯୁକ୍ତ ପ୍ରମାଣ ସହ ଦଖଲରେ ଥିଲେ ଜମିର ମୂଲ୍ୟ ସ୍ଥିରୀକୃତ ବଜାର ଦର ଅନୁଯାୟୀ ଦେୟ ପରିମାଣର ଶତକଡ଼ା ୧୫ ଭାଗ, ମାତ୍ର ଏକର ପିଛା ସର୍ବାଧିକ ମୂଲ୍ୟ ଚାରିଲକ୍ଷ ପଚାଶ ହଜାର ଟଙ୍କା ହେବ ।

(ଗ) ୧୨ ବର୍ଷରୁ ଉର୍ଦ୍ଧ୍ୱ ଓ ୨୦ ବର୍ଷରୁ କମ୍ ସମୟ ପାଇଁ ଉପଯୁକ୍ତ ପ୍ରମାଣ ସହ ଦଖଲରେ ଥିଲେ ଜମିର ମୂଲ୍ୟ ସ୍ଥିରୀକୃତ ବଜାରଦର ଅନୁଯାୟୀ ଦେୟ ପରିମାଣର ଶତକଡ଼ା ୨୫ ଭାଗ, ମାତ୍ର ଏକର ପିଛା ସର୍ବାଧିକ ମୂଲ୍ୟ ସାତ ଲକ୍ଷ ପଚାଶ ହଜାର ଟଙ୍କା ହେବ ।

(ଘ) ୧୨ ବର୍ଷରୁ କମ୍ ସମୟ ପାଇଁ ଉପଯୁକ୍ତ ପ୍ରମାଣ ସହ ଦଖଲରେ ଥିଲେ ଜମିର ମୂଲ୍ୟ ସ୍ଥିରୀକୃତ ବଜାର ଦର ସହ ସମାନ ହେବ ।

ସର୍ତ୍ତାବଳୀ : କ) ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ମାର୍ଫତ୍‌ରେ ରହିଥିବା ଦେବୋତ୍ତର ସମ୍ପତ୍ତି ସମେତ ବିଭିନ୍ନ ସ୍ଥାନରେ ଥିବା ସମସ୍ତ ଭୂମି ପ୍ରତି ଉପରୋକ୍ତ କୋହଳ କରଣ ଲାଗୁ ହେବ ।

ଖ) ଯେଉଁ ସ୍ଥଳେ ଦଖଲକାରୀ ମାନେ ଆଇନଗତ ସାକ୍ଷ୍ୟ ପ୍ରମାଣ ସହ ଦଖଲରେ ରହିଥାନ୍ତି କେବଳ ସେହି ସ୍ଥଳ ପ୍ରତି ମଧ୍ୟ ଉପରୋକ୍ତ କୋହଳକରଣ ଲାଗୁହେବ ।

ବି.ଦ୍ର : ରାଜ୍ୟ ସରକାରଙ୍କ ବିଧି ବିଭାଗ ପତ୍ର ସଂଖ୍ୟା ୯୦୫ (ବିଧି) ତା. ୧୫-୧-୨୦୦୫ ରିଖ ଅନୁଯାୟୀ ପରିଚ୍ଛେଦ-୪ ସଂଶୋଧନ ଓ ପ୍ରତି ସ୍ଥାପିତ ।

✶ ରାଜ୍ୟ ସରକାରଙ୍କ ବିଧି ବିଭାଗ ପତ୍ର ସଂଖ୍ୟା ୯୩୫୮ ତା. ୧୭-୭-୨୦୦୬ ରିଖ ଅନୁଯାୟୀ ସଂଶୋଧନ ପ୍ରକାରେ ''ବାସଗୃହ ନିର୍ମାଣ କରି ଭୋଗ ଦଖଲ କରି ରହୁଥିବା ବ୍ୟକ୍ତି ବିଶେଷ ଏବଂ କୌଣସି ରେଜେଷ୍ଟ୍ରିଭୁକ୍ତ ଅନୁଷ୍ଠାନଙ୍କୁ ସମ୍ପୃକ୍ତ ଜମି ବିକ୍ରୀ ନିମନ୍ତେ ନିମ୍ନମତେ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବ ।

✶ ୫. ସେବାୟତମାନଙ୍କ ଦଖଲରେ ଥିବା ଚାଷଜମି ଓ ବଗାୟତ ସ୍ଥିରୀକୃତ ହୋଇଥିବା ବଜାରଦର ର ଶତକଡ଼ା ୨୫ ଦେୟ ଉପରେ ଶତକଡ଼ା ୨୦ ସରଚାର୍ଜ ମିଶାଇ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ସଂପୃକ୍ତ ସେବାୟତମାନଙ୍କୁ ଜମି ବିକ୍ରୀ କରାଯିବ ।

୬. ଉପରୋକ୍ତ ନିୟମ ୧ ଲଗାୟତ ୫ ଅନ୍ତର୍ଗତ ସମସ୍ତ କାର୍ଯ୍ୟ ଜିଲ୍ଲାସ୍ତରୀୟ ଲ୍ୟାଣ୍ଡ ସବ୍-କମିଟିଙ୍କ ବୈଠକରେ ସବିଶେଷ ଆଲୋଚନା ହୋଇ ସ୍ଥିର କରାଯିବ । ଜିଲ୍ଲାସ୍ତରୀୟ ଲ୍ୟାଣ୍ଡ ସବକମିଟିଙ୍କ ନିଷ୍ପତ୍ତି ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ଦ୍ୱାରା ଅନୁମୋଦନ ହେବା ପରେ ତାହା ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ । ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ସଂପୃକ୍ତ ଜମିର ବିକ୍ରୟ କାର୍ଯ୍ୟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦ୍ୱାରା କାର୍ଯ୍ୟକାରୀ ହେବ ।

୭. ବଜାରଦର ସ୍ଥିରୀକରଣ ପଦ୍ଧତି :

(କ) ସ୍ଥାନୀୟ ତହସିଲଦାର / ସବରେଜିଷ୍ଟ୍ରାର / ଲ୍ୟାଣ୍ଡ ଆକ୍ୟୁଜିସନ କର୍ତ୍ତୃପକ୍ଷଙ୍କ ପାଖରୁ ୩ ବର୍ଷର ବିକ୍ରୀ ଖର୍ଦ୍ଦୀ ଦର କିସମୱାରୀ ଅଣାଯିବ । ଅତିକମ୍‌ରେ ଗୋଟିଏ ବର୍ଷର ୩ ଗୋଟି କିସମୱାରୀ ଦଲିଲ ୩ ବର୍ଷ ଲଗାତାର ସଂଗୃହୀତ ହୋଇ ତାହାର ହାରାହାରି ମୂଲ୍ୟ ନିରୂପଣ କରାଯିବ । ଜିଲ୍ଲାସ୍ତରୀୟ ଲ୍ୟାଣ୍ଡ ସବକମିଟଙ୍କ ଦ୍ୱାରା ଉକ୍ତ ହାରାହାରି ମୂଲ୍ୟ ତନଖି କରାଯାଇ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି/ ବିଚାର କରି ବଜାର ଦର ସ୍ଥିର କରାଯିବ, ମାତ୍ର ତାହା ହାରାହାରି ମୂଲ୍ୟଠାରୁ କମ୍‌ହେବନାହିଁ ।

✶ (ଖ) ବଜାରଦର ଅନୁଯାୟୀ ସ୍ଥିରୀକୃତ ଦେୟ ଉପରେ ଶତକଡ଼ା ୨୦ ଭାଗ ମୂଲ୍ୟ ସରଚାର୍ଜ ବାବଦକୁ ମିଶାଇ ଜମିର ବିକ୍ରୀ ମୂଲ୍ୟ ନିର୍ଦ୍ଧାରଣ କରାଯିବ ।

(ଗ) ଏହି ବିକ୍ରୀ ମୂଲ୍ୟ ଜିଲ୍ଲା ଲ୍ୟାଣ୍ଡ ସବକମିଟି ନିର୍ଦ୍ଧାରଣ କଲାପରେ ତାହାକୁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅନୁମୋଦନ ନିମନ୍ତେ ସଂପୃକ୍ତ ଜିଲ୍ଲା ଲ୍ୟାଣ୍ଡ ସବ୍-କମିଟି ପ୍ରେରଣ କରିବେ । ପରିଚାଳନା କମିଟିର ଅନୁମୋଦନ ଲାଭ ପରେ ତାହା ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ । ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ହେଲା ପରେ ପ୍ରତ୍ୟେକ ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବ ।

(ଘ) ଅନୁମୋଦନ ହେବା ଦିନ ଠାରୁ ଏହି ମୂଲ୍ୟ ୩ ବର୍ଷ ବଳବତ୍ତର ରହିବ । ତାପରେ ଉପରୋକ୍ତ ପଦ୍ଧତିରେ ପୂନର୍ବାର ବଜାରଦର ନିର୍ଦ୍ଧାରଣ କରାଯିବ ।

୮. ବିକ୍ରୀ ସମ୍ବନ୍ଧୀୟ କାର୍ଯ୍ୟ ପ୍ରଣାଳୀ :

(କ) ପୁରୀ ଜିଲ୍ଲାର ଜମି ପାଇଁ ଇଚ୍ଛୁକ କ୍ରେତାମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ୨ କିତା ଦରଖାସ୍ତ ନିର୍ଦ୍ଧାରିତ ଫର୍ମ (Prescribed Form) ରେ ଦାଖଲ କରିବେ ।

✶ ରାଜ୍ୟ ସରକାରଙ୍କ ବିଧି ବିଭାଗ ପତ୍ର ସଂଖ୍ୟା ୫୦୩୬ ତା. ୩୦-୩-୨୦୦୬ ରିଖ ଅନୁଯାୟୀ ସଂଶୋଧନ ପ୍ରକାରେ ‘‘ସେବାୟତମାନଙ୍କ ଦଖଲରେ ଥିବା ଚାଷଜମି ଓ ବଗାୟତ ସ୍ଥିରୀକୃତ ହୋଇଥିବା ବଜାରଦରର ଶତକଡ଼ା ୨୫ ଦେୟ ନିର୍ଦ୍ଧାରଣ କରାଯାଇ ସମ୍ପୃକ୍ତ ସେବାୟତମାନଙ୍କୁ ଜମି ବିକ୍ରୀ କରାଯିବ ’’ ।

✶ ରାଜ୍ୟ ସରକାରଙ୍କ ବିଧି ବିଭାଗ ପତ୍ର ସଂଖ୍ୟା ୨୯୧୮ ତା. ୯-୩-୨୦୦୭ ରିଖ ସଂଶୋଧିତ ଅନୁଯାୟୀ ବଜାରଦର ଉପରେ ଶତକଡ଼ା ୨୦ ଭାଗ ସରଚାର୍ଜ ଛାଡ଼ କରାଗଲା ।

(ଖ) ପୁରୀ ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାମାନଙ୍କରେ ଥିବା ଜମି ପାଇଁ ଇଚ୍ଛୁକ କ୍ରେତାମାନେ ଜିଲ୍ଲାସ୍ତରୀୟ ଲ୍ୟାଣ୍ଡ ସବକମିଟି ଚେୟାରମ୍ୟାନଙ୍କ ନିକଟରେ ୨ କିତା ଦରଖାସ୍ତ ନିର୍ଦ୍ଧାରିତ ଫର୍ମ (Prescribed Form) ରେ ଦାଖଲ କରିବେ ।

(ଗ) ଦରଖାସ୍ତକାରୀ ତାଙ୍କ ମୂଳ ଦରଖାସ୍ତ ସହିତ ୧୦(ଦଶ ଟଙ୍କା ମାତ୍ର) ଟଙ୍କାର ପୋଷ୍ଟାଲ ଅର୍ଡ଼ର କିମ୍ବା ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ପ୍ରାପ୍ତ ଦରଖାସ୍ତ ଫି ଷ୍ଟାମ୍ପ ସଂଲଗ୍ନ କରିବେ । ଦରଖାସ୍ତକାରୀ ଉକ୍ତ ପୋଷ୍ଟାଲ ଅର୍ଡ଼ରରେ ''ପ୍ରଶାସକ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀଙ୍କୁ ଦେୟ'' ଉଲ୍ଲେଖ କରିବେ ।

(ଘ) ପୁରୀ ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାମାନଙ୍କରେ ସଂପୃକ୍ତ ଜିଲ୍ଲାର ଲ୍ୟାଣ୍ଡ ସବକମିଟି ଦରଖାସ୍ତକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ୨ ଗୋଟି ଦରଖାସ୍ତ ମଧ୍ୟରୁ ୧ ଗୋଟି ଦରଖାସ୍ତ ସହ ୧୦(ଦଶ ଟଙ୍କା ମାତ୍ର) ଟଙ୍କାର ପୋଷ୍ଟାଲ ଅର୍ଡ଼ର ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀଙ୍କୁ ପ୍ରେରଣ କରିବେ ।

(ଙ) ପୁରୀ ଜିଲ୍ଲାର ଜମି ପାଇଁ ଇଚ୍ଛୁକ କ୍ରେତାମାନେ ନିର୍ଦ୍ଧାରିତ ଫର୍ମ (Prescribed Form) ରେ ଦୁଇ କିତା ଦରଖାସ୍ତ ସହ ଦଶ ଟଙ୍କା ମୂଲ୍ୟର ପୋଷ୍ଟାଲ ଅର୍ଡ଼ର / ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ପ୍ରାପ୍ତ ଦରଖାସ୍ତ ଫି ଷ୍ଟାମ୍ପ ସଂଲଗ୍ନ କରି ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀଙ୍କ ନିକଟରେ ଦାଖଲ କରିବେ ।

(ଚ) ପୁରୀ ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାମାନଙ୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶ୍ରୀଜୀଉଙ୍କ ଜମି ବିକ୍ରୀ ସମ୍ପର୍କରେ ଏକ ''ଲ୍ୟାଣ୍ଡ ସେଲ'' ଖୋଲାଯିବ ଏବଂ ତାହା ଜିଲ୍ଲା ରାଜସ୍ୱ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବ ।

(ଛ) ଜିଲ୍ଲା ଲ୍ୟାଣ୍ଡ ସବ କମିଟିର ପ୍ରସ୍ତାବ ୟୁନିଫର୍ମ ପଲିସିର ନିୟମ ନଂ ୬ ଅନୁଯାୟୀ ଅନୁମୋଦନ ଲାଭ କରିବା ପରେ ଉକ୍ତ ପଲିସିର ନିୟମ ନଂ ୯ ଅନୁଯାୟୀ ପ୍ରସ୍ତାବିତ କ୍ରେତାଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରୁ ଜରସମନ ଅର୍ଥ ଦାଖଲ କରିବା ନିମନ୍ତେ ଜଣାଇ ଦିଆଯିବ । ପ୍ରସ୍ତାବିତ କ୍ରେତା ସମ୍ପୂର୍ଣ୍ଣ ଜରସମନ ଅର୍ଥ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀଙ୍କ ନାମରେ ଏକାଉଣ୍ଟ ପେୟି ବ୍ୟାଙ୍କ ଡ୍ରାଫ୍ଟ କରି ଦାଖଲ କରିବେ । ପୁରୀ ଜିଲ୍ଲାର ଜମି ପାଇଁ ପ୍ରସ୍ତାବିତ କ୍ରେତା ମାନେ ଉପରୋକ୍ତ ମତେ ବ୍ୟାଙ୍କ ଡ୍ରାଫ୍ଟ କରି ରେଜିଷ୍ଟ୍ରି ଡ଼ାକ ଯୋଗେ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀଙ୍କୁ ପ୍ରେରଣ କରିବେ କିମ୍ବା ବ୍ୟକ୍ତିଗତ ଭାବେ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ ଠାରେ ଦାଖଲ କରିବେ । ପୁରୀ ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାମାନଙ୍କରେ ପ୍ରସ୍ତାବିତ କ୍ରେତାମାନେ ଉପରୋକ୍ତ ମତେ ବ୍ୟାଙ୍କ ଡ୍ରାଫ୍ଟ କରି ସମ୍ପୃକ୍ତ ଜିଲ୍ଲା ଲ୍ୟାଣ୍ଡ ସବକମିଟିର ଚେୟାରମ୍ୟାନଙ୍କୁ ରେଜିଷ୍ଟ୍ରି ଡ଼ାକ ଯୋଗେ ପ୍ରେରଣ କରିବେ କିମ୍ବା ବ୍ୟକ୍ତିଗତ ଭାବେ ସମ୍ପୃକ୍ତ ଜିଲ୍ଲା ଲ୍ୟାଣ୍ଡ ସବକମିଟିର ଚେୟାରମ୍ୟାନଙ୍କ ନିକଟରେ ଦାଖଲ କରିବେ ।

(ଜ) ପୁରୀ ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲା ଲ୍ୟାଣ୍ଡ ସବକମିଟିର ଚେୟାରମ୍ୟାନମାନେ ପାଇଥିବା ବ୍ୟାଙ୍କ ଡ୍ରାଫ୍ଟଗୁଡ଼ିକୁ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀଙ୍କୁ ଯଥାଶୀଘ୍ର ପ୍ରେରଣ କରିବେ । ତାପରେ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ ଉକ୍ତ ବ୍ୟାଙ୍କ ଡ୍ରାଫ୍ଟଗୁଡ଼ିକର ପ୍ରାପ୍ତି ସମ୍ପର୍କେ ସମ୍ପୃକ୍ତ ଜିଲ୍ଲା ଲ୍ୟାଣ୍ଡ ସବକମିଟିର ଚେୟାରମ୍ୟାନମାନଙ୍କୁ ଅବଗତ କରାଇବେ ।

(ଝ) ସମ୍ପୃକ୍ତ କ୍ରେତାମାନେ ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରି ଦଲିଲ ବାବଦକୁ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ବହନ କରିବେ । ଦଲିଲର ସାମ୍ପୁଲ କପି ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଲ୍ୟାଣ୍ଡ ସବକମିଟିକୁ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରୁ ଯୋଗାଇ ଦିଆଯିବ । ଦଲିଲ ଲେଖା ସରିବା ପରେ ତାହା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ କିମ୍ବା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ଅଧିକାରୀ ସମ୍ପୃକ୍ତ ସବ-ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରି ରେଜିଷ୍ଟ୍ରି କରାଇବେ ।

୯. ଜମି ବିକ୍ରୀ ନିମନ୍ତେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ହୋଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ ରେଜିଷ୍ଟ୍ରି ଦଲିଲ ସମ୍ପାଦନ କରିବେ । ଯଦି କୌଣସି ପରିସ୍ଥିତିରେ ପ୍ରଶାସକ ରେଜିଷ୍ଟ୍ରି ଦଲିଲ ସମ୍ପାଦନ କରିନପାରନ୍ତି ତେବେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ର ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ କ୍ଷମତା ପ୍ରଦାନ କରିପାରିବେ ।

ସ୍ୱା/-
ସଭାପତି
ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ
ତା. ୨୫-୧-୨୦୦୩ ରିଖ